## ରାସ୍ତାରେ ଓଲଟିଲା ଟ୍ରକ୍



କିର୍ମିରା,(ଡି.ଏନ.ଏ.): ଝାରସୁଗୁଡା ଜିଲା ମୁଖ୍ୟ ଚିକିତ୍ସାଳୟ ରାସ୍ତା ଦେଇ ବାଲିଯୋରି ରେଳ ଫାଟକ ପାଖରେ ବେଦାନ୍ତ କାରଖାନାକୁ ଯାଉଥିବା ଏକ କୋଇଲା ବୋଝେଇ ଟ୍ରକ୍ (ଓଡି୧୬ଜି-୫୧୮୪) ଶୁକ୍ରବାର ଭୋର ସମୟରେ ଭାରସାମ୍ୟ ହରାଇ ରାସ୍ତାରେ ଓଲଟିପଡିଥିଲା। ଫଳରେ ବିଭିନ୍ନ କାରଖାନାକୁ ଯାଉଥିବା ଶତାଧିକ କୋଇଲା ଓ ପାଉଁଶ ବୋଝେଇ ଟ୍ରକ୍ ଅଟକି ରହିଥିଲା। ଦୀର୍ଘସମୟ ପରେ ଯାନବାହନଗୁଡିକ ଅନ୍ୟ ଏକ ପାଦଚଲା ମାଟି ରାସ୍ତାରେ ଯିବାଆସିବା କରିଥିଲେ। ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡିଛି।

## ସଂକ୍ଷେପରେ

### ନାବାଳିକା ବଳାତ୍କାର: ଯୁବକ ଗିରଫ

**ରେଢ଼ାଖୋଲ,୪।୬(ଡି.ଏନ.ଏ.):** ନାବାଳିକା ବଳାତ୍କାର ଅଭିଯୋଗରେ ଚାରମାଳ ଥାନା ପୋଲିସ କୁଆଖୋଲ ଗ୍ରାମର ପଞ୍ଚାନନ ନାଏକ (୨୧)ଙ୍କୁ ଗିରଫ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗତ ୨ ତାରିଖରେ ନାବାଳିକା ନିକଟସ୍ଥ ବନ୍ଧକୁ ଗାଧୋଇବାକୁ ଯାଉଥିବା ବେଳେ ପଞ୍ଚାନନ ତାଙ୍କୁ ଜୋରଜବରଦସ୍ତ ବଳାତ୍କାର କରିଥିଲେ। ପରେ ଘଟଣା ସମ୍ପର୍କରେ କାହାକୁ ନ କହିବାକୁ ଧମକ ଦେଇ ଫେରାର ହୋଇଯାଇଥିଲେ। ପରିବାର ପକ୍ଷରୁ ଏ ନେଇ ଚାରମାଳ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ଥାନା କେସ୍ ନଂ.୭୧ରେ ଏକ ମାମଲା ରୁଜୁ କରିଥିଲା। ଗୁରୁବାର ରାତିରେ ପୋଲିସ ଚଢ଼ାଉ କରି ପଞ୍ଚାନନଙ୍କୁ ଗିରଫ କରିଛି। ଶୁକ୍ରବାର ରେଢ଼ାଖୋଲ ଡାକ୍ତରଖାନାରେ ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଛି। ପଞ୍ଚାନନଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ବସନ୍ତ କୁମାର ଦଳାଇ କହିଛନ୍ତି।

### ବିଦ୍ୟୁତ୍ ଆଘାତରେ ଜଣେ ମୃତ

**ବ୍ରଜରାଜନଗର,୪।୬ (ଡି.ଏନ.ଏ.):** ବ୍ରଜରାଜନଗର ଥାନା ଅନ୍ତର୍ଗତ ଲୋଇସିଂ ପଞ୍ଚାୟତ ତିଲେଇମାଲ ଗ୍ରାମର ରଞ୍ଜନ ସାହୁ (୫୪)ଙ୍କର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ଗାନ୍ଧୀ ଛକ ଫାଣ୍ଡିରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି। ରଞ୍ଜନ ଗାଧୋଇ ସାରି ଓଦା ଲୁଗା ଘର ପାଖ ତାରରେ ଶୁଖାଉଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ।

### ଟ୍ରକ୍ ଚାଳକଙ୍କୁ ଲୁଟ୍ ଘଟଣାରେ ୩ ଗିରଫ

**ଝାରସୁଗୁଡ଼ା ଅଫିସ,୪।୬:** ଝାରସୁଗୁଡ଼ା ସଦର ଥାନାର ବାଇପାସ୍ ମାରୁତି ଶୋ'ରୁମ୍ ନିକଟରେ ଗତ ମଙ୍ଗଳବାର ରାତିରେ ଏକ ଟ୍ରକ୍ ଛିଡା ହୋଇଥିଲା। ଏହି ସମୟରେ ୪ ଦୁର୍ବୃତ୍ତ ବାଇକ୍‌ରେ ଆସି ଟ୍ରକ୍ ଚାଳକଙ୍କୁ ଛୁରିରେ ଆକ୍ରମଣ ତାଙ୍କଠାରୁ ୩ହଜାର ଟଙ୍କା ଓ ମୋବାଇଲ ଫୋନ୍ ଛଡାଇନେଇଥିଲେ। ଏ ନେଇ ଟ୍ରକ୍ ଚାଳକ ବିଜୟ୍ ଯାଦବ ମାଲିକଙ୍କୁ ଜଣାଇଥିଲେ। ଟ୍ରକ୍ ମାଲିକ ବ୍ରଜରାଜନଗରର ଯୋଗେଶ କୁମାର ଝାରସୁଗୁଡା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୯୦/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ପୋଲିସ୍ ଗିରଫକରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସାରସମାଲ ସତ୍‌ନାମୀପଡାର କୃଷ୍ଣ ବଞ୍ଜାରୀ(୨୦), ନିତ୍ୟାନନ୍ଦ ମେହେର(୨୭) ଓ ଉମେଶ ସତ୍‌ନାମୀ(୨୦)। ଏମାନଙ୍କ ନିକଟରୁ ପୋଲିସ ଓଡି୨୩ଜେ-୭୬୨୧ନଂ ବାଇକ୍, ଛୁରି, ମୋବାଇଲ୍ ଓ ୧ହଜାର ଟଙ୍କା ଜବତ କରିଛି। ଅନ୍ୟଜଣେ ଅଭିଯୁକ୍ତ ଫେରାର୍ ଥିବାବେଳେ ତାଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତକାରୀ ଆଇଆଇସି ସୁଚିସ୍ମିତା ମହାନ୍ତି କହିଛନ୍ତି।

### ରଘୁମଣି ଦାସ ଆଇଏନ୍‌ଟିୟୁସି ଜିଲା ସଭାପତି

**ସମ୍ବଲପୁର,୪।୬ (ବ୍ୟୁରୋ):** ଆଇଏନ୍‌ଟିୟୁସିର ସମ୍ବଲପୁର ଜିଲା



ସଭାପତି ଭାବେ ଆଇନଜୀବୀ ରଘୁମଣି ଦାସଙ୍କୁ ମନୋନୀତ କରାଯାଇଛି। ସଂଘର ଜାତୀୟ ଉପସଭାପତି ତଥା ରାଜ୍ୟ ସଭାପତି ଆର୍.ସି. ଖୁଣ୍ଟିଆ ଏକ ପ୍ରେସ ବିବୃତ୍ତିରେ ଏହି ସୂଚନା ଦେଇଛନ୍ତି। ଆଇନଜୀବୀ ଦାସ ପୂର୍ବରୁ ମହାନଦୀ କୋଇଲା ଖଣିର କର୍ମଚାରୀ ଥିବାବେଳେ କର୍ମଚାରୀ ସଂଘର ଉପସଭାପତି ଭାବେ କାର୍ଯ୍ୟ ତୁଲାଇଥିଲେ। ରଘୁମଣିଙ୍କ ଯୋଗଦାନରେ ଦଳ ଆହୁରି ମଜଭୁତ ହେବ। ତୃଣମୂଳ ସ୍ତରରେ ଦାସଙ୍କ ଭଲ ସଂଗଠନ ରହିଛି ବୋଲି ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁ କହିଛନ୍ତି।

### ଲହୁଣୀପଡ଼ା: ୮୪ ଜଣରେ ୭ ପଜିଟିଭ ଚିହ୍ନଟ

**ଲହୁଣୀପଡା,୪।୬ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଶୁକ୍ରବାର କରୋନା ଆଣ୍ଟିଜେନ୍ ପରୀକ୍ଷା କରାଯାଇଥିଲା। ଏଥିରେ ୮୪ ଜଣଙ୍କର କରୋନା ଆଣ୍ଟିଜେନ୍ ପରୀକ୍ଷା କରାଯାଇଥିବା ବେଳେ ସେଥି ମଧ୍ୟରୁ ୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ଜଣାପଡିଛି।

# ବ୍ଲାକ୍ ଫଙ୍ଗସ୍ ଚିକିତ୍ସା ପାଇଁ ପଦକ୍ଷେପ

**ସମ୍ବଲପୁର,୪।୬(ବ୍ୟୁରୋ)**



ବୁର୍ଲାସ୍ଥିତ ଭିମ୍‌ସାର।

ସମଗ୍ର ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ଏବେ ବ୍ଲାକ୍ ଫଙ୍ଗସ୍ ରୋଗ ଚିନ୍ତା ବଢାଇ ଦେଇଛି। ସମ୍ବଲପୁର ଜିଲା ବୁର୍ଲାର ଭିମ୍‌ସାରରେ ମଧ୍ୟ ବ୍ଲାକ୍ ଫଙ୍ଗସ୍ ରୋଗୀ ଚିହ୍ନଟ ହୋଇ ଚିକିତ୍ସିତ ହେଉଛନ୍ତି। ଏଥିପାଇଁ ଆବଶ୍ୟକ ଔଷଧ ମଧ୍ୟ ଅଭାବ ରହିଛି। ସ୍ୱାସ୍ଥ୍ୟ ବିଭାଗ ଇଞ୍ଜେକଶନ ଯୋଗାଇଦେବାକୁ ଚେଷ୍ଟା କରୁଥିଲେ ମଧ୍ୟ ପହଞ୍ଚି ପାରିନାହିଁ। ଏଭଳି ପରିସ୍ଥିତିରେ ଭିମ୍‌ସାର ପକ୍ଷରୁ ଅନ୍ୟ ଉପାୟରେ ଚିକିତ୍ସା କରାଯିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ଇଏନ୍‌ଟି ବିଭାଗରେ ଆଉ ୬ ଗୋଟି ଏଣ୍ଡୋସ୍କୋପି ମେଶିନ ଲଗାଯିବାକୁ ଯୋଜନା ହୋଇଛି। ଏଥିପାଇଁ କର୍ତ୍ତୃପକ୍ଷ ସରକାରଙ୍କୁ ଅବଗତ କରି କିଣିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏକସପ୍ତାହ ଭିତରେ ଏହି ମେଶିନ ଭିମ୍‌ସାରରେ ପହଞ୍ଚିବ ବୋଲି ଆଶା କରାଯାଉଛି।

ମେଡିକାଲ ଷ୍ଟୋର ମ୍ୟାନେଜର ଆଶୋକ ପାଣିଗ୍ରାହୀ କହିଛନ୍ତି, ଏବେ ଇଏନ୍‌ଟି ବିଭାଗରେ ୨ ଏଣ୍ଡୋସ୍କୋପି ମେଶିନ ରହିଛି। ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ଚିକିତ୍ସାରେ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଆଉ ୬ଟି ଏଣ୍ଡୋସ୍କୋପି ମେଶିନ କିଣାଯାଉଛି। ଏହା ଦ୍ୱାରା ବ୍ଲାକ୍ ଫଙ୍ଗସ୍ ରୋଗ ଶୀଘ୍ର ଚିହ୍ନଟ ହୋଇପାରିବ। ଏହା ସହ କମ ମାତ୍ରାରେ ସଂକ୍ରମିତ ରହିଥିଲେ ଶୀଘ୍ର ଅସ୍ତ୍ରୋପଚାର କରାଯାଇ ପାରିବ। ଫଳରେ ଗୁରୁତର ହେବା ସମ୍ଭାବନାକୁ ଏଡାଇ ଦିଆଯାଇପାରିବ। ରୋଗୀ ଅନ୍ଧ ହେବାରୁ ବର୍ତ୍ତିଯିବେ ଓ ଅନ୍ୟ ଅଙ୍ଗକୁ ସଂକ୍ରମଣ ହୋଇପାରିବ ନାହିଁ। ଏବେ ବିଶେଷ ଭାବେ କରୋନା ସଂକ୍ରମିତ ରୋଗୀଙ୍କର ବ୍ଲାକ୍ ଫଙ୍ଗସ୍ ଲକ୍ଷଣ ଦେଖାଦେଉଛି। କରୋନାରେ ଚିକିତ୍ସା ହୋଇ ସୁସ୍ଥ ହେଲେ ମଧ୍ୟ ବ୍ଲାକ୍ ଫଙ୍ଗସ୍ ରୋଗ ବିପଦ ସୃଷ୍ଟି କରୁଛି। ଏ ସମ୍ପର୍କରେ ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର କହିଛନ୍ତି, ଉତ୍ତମ ଚିକିତ୍ସା ସେବା ଯୋଗାଇଦେବା ପାଇଁ ଏହି ମେଶିନ କିଣାଯାଉଛି। ଚିହ୍ନଟ ରୋଗୀଙ୍କ ନାକ ପଟେ ପାଇପ ପୂରାଇ ସଂକ୍ରମଣ ସ୍ଥିତି ଜାଣି ହେବ ଓ ପରେ ଅପରେଶନ କରାଯାଇ ପାରିବ। ଏହା ଏକ ଭୟଙ୍କର ରୋଗ। ଚିକିତ୍ସା ପାଇଁ ଆବଶ୍ୟକ ପଡୁଥିବା ଏକମାତ୍ର ଇଞ୍ଜେକଶନ ଅଭାବ ରହୁଛି। ମିଳିଥିବା ସୂଚନା ଅନୁସାରେ ଏବେ ଭିମ୍‌ସାରରେ ୬ ଜଣ ବ୍ଲାକ୍ ଫଙ୍ଗସ୍ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରେ ୪ ଜଣ ପୁରୁଷ ଓ ୨ ଜଣ ମହିଳା ଅଛନ୍ତି। କିଛିଦିନ ତଳେ ବରଗଡ଼ ଜିଲାର ଜଣେ ୬୦ ବର୍ଷୀୟା ସଂକ୍ରମିତଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ଚର୍ଚ୍ଚା ହୋଇଥିଲା। ହେଲେ ଭିମ୍‌ସାର କର୍ତ୍ତୃପକ୍ଷ ଏହାକୁ ଖଣ୍ଡନ କରି ବ୍ଲାକ ଫଙ୍ଗସ୍ ସନ୍ଦେହରେ ଚିକିତ୍ସା କରାଯାଉଥିଲା, ରୋଗୀଙ୍କ ସମସ୍ତ ପରୀକ୍ଷା ରିପୋର୍ଟ ଆସି ନ ଥିବାରୁ ବ୍ଲାକ୍ ଫଙ୍ଗସ୍ ପ୍ରମାଣ ମିଳି ନ ଥିବା କହିଥିଲେ।

**ଭିମ୍‌ସାରକୁ ଆସିବ ୬ ଏଣ୍ଡୋସ୍କୋପି ମେଶିନ**

# କରୋନା ଯୁଦ୍ଧରେ ହାରିଗଲେ ଡାକ୍ତର

**ଝାରସୁଗୁଡ଼ା ଅଫିସ,୪।୬**



ରାମଚନ୍ଦ୍ର ସାଥୁଆଙ୍କ ଫାଇଲ୍ ଫଟୋ।

ଝାରସୁଗୁଡା ଜିଲା କୋଲାବିରା ବ୍ଲକ୍ ରଘୁନାଥପାଲିରେ କ୍ଲିନିକ କରି ରୋଗୀସେବା କରୁଥିବା ଡାକ୍ତର ରାମଚନ୍ଦ୍ର ସାଥୁଆ(୭୪) କରୋନାରେ ଆକ୍ରାନ୍ତ ହୋଇ ଗତ ୬ତାରିଖରେ ଝାରସୁଗୁଡ଼ା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା ଜେପି ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କୁ ଭେଣ୍ଟିଲେଟର୍‌ରେ ରଖାଯାଇ ଚିକିତ୍ସା କରାଯାଉଥିଲା। ଡାକ୍ତରଙ୍କ ସବୁଚେଷ୍ଟା ପରେ ଗୁରୁବାର ରାତିରେ ତାଙ୍କର ପରଲୋକ ହୋଇଥିବା ଜଣାପଡିଛି। ତାଙ୍କ ମରଶରୀର ରାଉରକେଲା ବେଦବ୍ୟାସସ୍ଥିତ ଶ୍ମଶାନରେ ସତ୍କାର କରାଯାଇଥିଲା। ତାଙ୍କ ପୁଅ ପ୍ରଦ୍ୟୁମ୍ନ କୁମାର ସାଥୁଆ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗ ଖବର ପ୍ରଚାର ହେବା ଫଳରେ ଝାରସୁଗୁଡା ଜିଲାରେ ଶୋକର ଛାୟା ଖେଳିଯାଇଛି।

# ଉନ୍ନୟନ କାମ ତଦାରଖ କଲେ ଉପଜିଲାପାଳ



ରେଢ଼ାଖୋଲରେ ଉପଜିଲାପାଳ କାମର ତଦାରଖ କରୁଛନ୍ତି।

**ସମ୍ବଲପୁର,୪।୬ (ବ୍ୟୁରୋ)**

ସମ୍ବଲପୁର ଉପଜିଲାପାଳ ତଥା ଡୋଡା ନିର୍ଦ୍ଦେଶକ ମୟୂର ସୂର୍ଯ୍ୟବଂଶୀ ବିକାଶ ଶୁକ୍ରବାର ରେଢ଼ାଖୋଲ ଏନ୍‌ଏସି ପରିଦର୍ଶନ କରିଥିଲେ। ଏହି ସମୟରେ ସେ ନିର୍ମାଣାଧୀନ ପରିଚୟ ଗୃହ, ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର ସହ ବିଭିନ୍ନ ଉନ୍ନୟନ କାମ ତଦାରଖ କରିଥିଲେ। କାମ ଶୀଘ୍ର ସାରିବା ସହ ମାନ ଉପରେ ଗୁରୁତ୍ୱ ଦେବାକୁ ସେ ଠିକା ସଂସ୍ଥାକୁ ତାଗିଦ କରିଥିଲେ। କାମର ଅଗ୍ରଗତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତଥ୍ୟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ରେଢ଼ାଖୋଲ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# କ୍ଷତିପୂରଣ ଦାବିରେ ଜିଲାପାଳଙ୍କୁ ଭେଟିଲେ ଚାଷୀ

**ଝାରସୁଗୁଡ଼ା ଅଫିସ,୪।୬**



ଜିଲାପାଳଙ୍କୁ ଭେଟିବାକୁ ଯାଇଥିବା କ୍ଷତିଗ୍ରସ୍ତ ଚାଷୀମାନେ।

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ କଣ୍ଢେଇକେଲା ପଞ୍ଚାୟତ ମହୁଲପାଲି ନିକଟ ମହାନଦୀ ଉପରେ ବରଗଡ ଜିଲା ଅମ୍ବାଭୋନାକୁ ସଂଯୋଗ ପାଇଁ ଏକ ବ୍ରିଜ୍ ନିର୍ମାଣ ଚାଲିଛି। ଏହି ବ୍ରିଜ୍ ପାଇଁ କଣ୍ଢେଇକେଲା ଗ୍ରାମର ୨୨ ଚାଷୀଙ୍କ ୪ ଏକର ୮୦ଡେସିମିଲ୍ ଜମି ଅଧିଗ୍ରହଣ ହୋଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ସର୍ବାଧିକ ୩୭ହଜାର ଟଙ୍କା କ୍ଷତିପୂରଣ ଦେବାପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ଏହି ରାଶିକୁ ବୃଦ୍ଧିକରି ୭୦ ହଜାର ଟଙ୍କା କରିବାକୁ ଚାଷୀମାନେ ଦାବି କରିଛନ୍ତି। ଏ ନେଇ ସେମାନେ ଶୁକ୍ରବାର ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ସରୋଜ କୁମାର ସାମଲ ୧ସପ୍ତାହ ମଧ୍ୟରେ କ୍ଷତିଗ୍ରସ୍ତ ଚାଷୀଙ୍କ ସହିତ ଆଲୋଚନା କରିବେ ବୋଲି କହିଛନ୍ତି। ଜିଲାପାଳଙ୍କୁ ଭେଟିଥିବା କ୍ଷତିଗ୍ରସ୍ତ ଚାଷୀଙ୍କ ମଧ୍ୟରେ ଜିଲା କୃଷକ ସଙ୍ଗଠନ ପ୍ରବକ୍ତା ବିରଞ୍ଚି ସାହୁ, ହରିହର ବାରିକ, ପଞ୍ଚାନନ ସା, କୁଶଳ ପ୍ରଧାନ, ଅନିଲ କୁମାର ବାରିକ, ଅଶୋକ ସା ଓ କୃଷ୍ଣଚନ୍ଦ୍ର ଗଣ୍ଡ ପ୍ରମୁଖ ରହିଛନ୍ତି।

**ମହୁଲପାଲି ବ୍ରିଜ୍ ନିର୍ମାଣ ପାଇଁ ଜମି ଅଧିଗ୍ରହଣ**

# ଥାନାରେ ଅଭିଯୋଗ ପରେ ମନ୍ଦିରରେ ପ୍ରେମିକା ମଥାରେ ସିନ୍ଦୂର ଦେଲେ ପ୍ରେମିକ

**ଦେବଗଡ଼,୪।୬(ଡି.ଏନ.ଏ.)**

ଦୀର୍ଘ ବର୍ଷ ଧରି ଜଣେ ଯୁବତୀଙ୍କୁ ପ୍ରେମ ପରେ ବିବାହର ପ୍ରଲୋଭନ ଦେଇ ଶାରୀରିକ ସମ୍ପର୍କ ରଖି ଆସୁଥିଲେ ମଧ୍ୟ ଘରକୁ ବୋହୁ କରି ନେଉ ନ ଥିବା ଯୁବକଙ୍କୁ ବୁଧବାର ରାତିରେ ଯୁବତୀଙ୍କ ପରିବାର ଲୋକେ ଘର ଭିତରେ ତାଲା ପକାଇ ପୋଲିସକୁ ହସ୍ତାନ୍ତର କରିଥିଲେ। ଥାନାରେ ଅଭିଯୋଗ ପରେ ମନ୍ଦିରରେ ପ୍ରେମିକ ଯୁବତୀଙ୍କ ମଥାରେ ସିନ୍ଦୁର ଦେବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ରିଆମାଳ ଥାନା ଅନ୍ତର୍ଗତ ଫଟାଟାଙ୍ଗର ଗ୍ରାମର ଯୁବତୀ (୨୩)ଙ୍କ ସହ କଖାରୁମାଳ ଗ୍ରାମର ମକା ଦେହୁରୀଙ୍କ ପୁଅ ସିଲୁ (୨୪) ଦୀର୍ଘବର୍ଷ ଧରି ପ୍ରେମ ସମ୍ପର୍କ ରଖି ଆସୁଥିଲେ। ମାତ୍ର ପରିବାର ଲୋକଙ୍କ ଅନିଚ୍ଛା ଯୋଗୁ ପ୍ରେମିକାଙ୍କୁ ବିବାହ କରୁ ନ ଥିଲେ। ଏହି କ୍ରମରେ ଗତ ବୁଧବାର ରାତି ପ୍ରାୟ ସାଢେ ଏଗାରଟାରେ ପ୍ରେମିକ ସିଲୁ ପ୍ରେମିକାଙ୍କ ଘରକୁ ଯାଇ ତାଙ୍କ କୋଠରୀରେ ଥିବା ସମୟରେ ପରିବାର ଲୋକେ ଜାଣିପାରି ଉକ୍ତ କୋଠରୀକୁ ବାହାର ପଟୁ ବନ୍ଦ କରି ପୋଲିସକୁ ସୂଚନା ଦେଇଥିଲେ। ସୂଚନା ପାଇ ରିଆମାଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଟକ ଥିବା ସିଲୁଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିବା ବେଳେ ଉଭୟ ପରିବାରଙ୍କୁ ଥାନାକୁ ଡକାଇ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ତେବେ ଏନେଇ ପ୍ରେମିକାଙ୍କ ପରିବାର ଲୋକେ ରିଆମାଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପ୍ରେମିକ ପରିବାର ଲୋକେ ଉଭୟଙ୍କୁ ବିବାହ ପାଇଁ ଅନୁମତି ଦେଇଥିଲେ। ଉଭୟ ପ୍ରେମିକ ଓ ପ୍ରେମିକାଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ସ୍ଥାନୀୟ ଶିବ ମନ୍ଦିରରେ ପ୍ରେମିକ ସିଲୁ ପ୍ରେମିକାଙ୍କ ମଥାରେ ସିନ୍ଦୁର ଦେଇ ବିବାହ କରିଥିଲେ।

# ଦେୟମୁକ୍ତ ଟିକାକରଣ କରିବାକୁ ଦାବି



ସମ୍ବଲପୁର ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

**ସମ୍ବଲପୁର,୪।୬ (ବ୍ୟୁରୋ)**

ସମ୍ବଲପୁର ଜିଲା କଂଗ୍ରେସ ପକ୍ଷରୁ ସମସ୍ତ ନାଗରିକଙ୍କୁ ଦେୟମୁକ୍ତ ଟିକାକରଣ କରାଯାଉ ବୋଲି ଦାବି କରାଯାଇଛି। ଏହି ମର୍ମରେ ଏକ ପ୍ରତିନିଧି ଦଳ ସମ୍ବଲପୁର ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜଙ୍କୁ ଭେଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲା ସଭାପତି ଅଶ୍ୱିନୀ ଗୁରୁ, ସସ୍ମିତା ଦେହୁରି, ସୁତପା ମିତ୍ର, ରବି ରାଉତ, ବିଜୟ ଲକ୍ଷ୍ମୀ ବେହେରା, ଯଶବୀର ସିଂ, ତ୍ରିଲୋଚନ ପୁରୋହିତ, ବାଳକୃଷ୍ଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହିଥିଲେ। ସେମାନେ ଦର୍ଶାଇଛନ୍ତି, ଟିକାକରଣ ନୀତିରେ ତ୍ରୁଟି ଥିବାରୁ ତାହା ମଧ୍ୟ ଆଗେଇ ପାରୁନାହିଁ। କେନ୍ଦ୍ର ସରକାର ୧୫୦ ଟଙ୍କାରେ ଟିକା କିଣୁଥିବା ବେଳେ ବିଭିନ୍ନ ଘରୋଇ ହସ୍ପିଟାଲରେ ଅଧିକ ଦରରେ ବିକ୍ରି କରାଯାଉଛି। ଦେଶରେ ପ୍ରାୟ ୧୪୦ କୋଟି ଜନସଂଖ୍ୟା ରହିଥିବା ବେଳେ ରାଜ୍ୟ ଓ କେନ୍ଦ୍ର ସରକାର ମିଳିତ ଭାବେ ୩୯ କୋଟି ଟିକା ବରାଦ କରିବା ବିଫଳତାର ଆଉ ଏକ ଉଦାହରଣ।

# ବିଜେଡି ତରଫରୁ ଶୁଖିଲା ଖାଦ୍ୟ ବଣ୍ଟନ



ବ୍ଲକ୍ ଅଧ୍ୟକ୍ଷା ଜଣେ ଅସହାୟ ବ୍ୟକ୍ତିଙ୍କୁ ଶୁଖିଲାଖାଦ୍ୟ ବଣ୍ଟନ କରୁଛନ୍ତି।

**ଝାରସୁଗୁଡ଼ା ଅଫିସ,୪।୬**

ମହାମାରୀ କରୋନାକୁ ଦୃଷ୍ଟିରେ ରଖି ବିଜୁ ଯୁବ ଓ ଛାତ୍ର ଜନତା ଦଳ ଆନୁକୂଲ୍ୟରେ 'ଓଡ଼ିଶା ମୋ ପରିବାର' କାର୍ଯ୍ୟକ୍ରମ ମାଧ୍ୟମରେ ଲଖନପୁର ବ୍ଲକ୍‌ରେ ଅସହାୟ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଉଛି। ଏହା ସହିତ କରୋନା ଯୋଦ୍ଧା ଅଙ୍ଗନୱାଡ଼ି କର୍ମୀ ଓ ଆଶା କର୍ମୀଙ୍କୁ ମାସ୍କ ଓ ସାନିଟାଇଜର୍ ବଣ୍ଟନ କରାଯାଇଥିଲା। ରମ୍ପେଲା ଓ ତିଲିଆ ପଞ୍ଚାୟତରୁ ଗତ ଗୁରୁବାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାକୁ ମୁଖ୍ୟଅତିଥି ଭାବେ ଲଖନପୁର ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ପ୍ରଧାନ ଉଦ୍‌ଘାଟନ କରିଛନ୍ତି। ଏଥିରେ ରମ୍ପେଲା ସରପଞ୍ଚ ରୀତାଞ୍ଜଳି ନାୟକ, ସମିତିସଭ୍ୟା ସବିତା ପାଢୀ, ତିଲିଆ ସରପଞ୍ଚ ଠଣସୁନ୍ଦର ସାହୁ, ସମିତିସଭ୍ୟ ସଞ୍ଜୟ ସାହୁ, ସାମାଜିକ କର୍ମୀ ଅଖିଳ ସ୍ୱାଇଁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜୟ ନାରାୟଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଶାସନର ବନ୍ୟା ନିୟନ୍ତ୍ରଣ ଚିନ୍ତା

**ସମ୍ବଲପୁର,୪।୬ (ବ୍ୟୁରୋ)**

ଆଗାମୀ ପ୍ରାୟ ଏକସପ୍ତାହ ପରେ ସ୍ୱାଭାବିକ ଭାବେ ବର୍ଷା ହେବା ଆଶଙ୍କା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ବନ୍ୟା ନିୟନ୍ତ୍ରଣ ପାଇଁ ଚିନ୍ତାରେ ପଡିଯାଇଛି। ଶୁକ୍ରବାର ଜିଲାପାଳ ଶୁଭମ୍ ସକ୍‌ସେନାଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ଆଲୋଚନା ହୋଇଥିଲା। ଏଥିରେ ସମ୍ବଲପୁର ମହାନଗର ନିଗମ କମିଶନର ଅନିରୁଦ୍ଧ ପ୍ରଧାନ, ଉପଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ପଣ୍ଡା, ଏନ୍‌ଏଚ୍‌ଏଆଇ ପିଡି ଏସ୍. ଭେଙ୍କଟେଶ୍ୱର ଲୁ, ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ବଶିଷ୍ଠ ପଟ୍ଟନାୟକ ଉପସ୍ଥିତ ଥିଲେ। ବିଭିନ୍ନ ୱାର୍ଡରେ ଥିବା ଡ୍ରେନ୍‌ଗୁଡ଼ିକ ଶୀଘ୍ର ସଫା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ନାବାଳିକାଙ୍କୁ ବଳାତ୍କାର: ଯୁବକ ଗିରଫ

**ରିଆମାଳ, ୪।୬(ଡି.ଏନ୍.ଏ.)**

ଦେବଗଡ଼ ଜିଲା ରିଆମାଳ ଥାନା ଅଞ୍ଚଳର ଜନୈକା ନାବାଳିକା (୧୬)ଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ଏନେଇ ରିଆମାଳ ଥାନା ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଗତ ମଙ୍ଗଳବାର ରିଆମାଳ ଥାନା ଅଞ୍ଚଳରେ ନାବାଳିକା ଜଣକ ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ସେହି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରକୁ କୁଣିଆ ଆସିଥିବା ବାରକୋଟ ଥାନା ଅନ୍ତର୍ଗତ କଲା ଗ୍ରାମର ତ୍ରିଲୋଚନ ବେହେରାଙ୍କ ପୁଅ ମନୋଜ ବେହେରା (୨୪) ସକାଳ ପ୍ରାୟ ସାଢେ ଆଠଟାରେ ନାବାଳିକାଙ୍କ ଘରେ ପଶି ବଳାତ୍କାର କରିଥିଲେ। ନାବାଳିକାଙ୍କ ପରିବାର ଲୋକେ ଚାଷ କାମ ପାଇଁ ବିଲକୁ ଯାଇଥିବା ବେଳେ ଏହାର ସୁଯୋଗରେ ଅଭିଯୁକ୍ତ ମନୋଜ ଏହି କାଣ୍ଡ ଭିଆଇବା ସହ ନାବାଳିକାଙ୍କୁ ଧମକ ଦେଇ ଚାଲିଯାଇଥିଲେ। ନାବାଳିକା ଜଣକ ଲଜ୍ଜାରେ ଏହି ଘଟଣା ଘରେ କହି ନ ଥିଲେ। ଏଥିସହ ସେଠାରୁ ଚାଲିଯିବା ପରେ ଅଭିଯୁକ୍ତ ମନୋଜ ନାବାଳିକାଙ୍କୁ ଫୋନ ଯୋଗେ ବିବାହ କରିବା ପାଇଁ ଏକଲକ୍ଷ ଟଙ୍କା ଦାବି କରିଥିଲେ। ନାବାଳିକା ଜଣକ ଏନେଇ ପରିବାର ଲୋକଙ୍କୁ ଜଣାଇ। ପରେ ଗୁରୁବାର ପରିବାର ଲୋକଙ୍କ ସହ ଥାନାକୁ ଆସି ଅଭିଯୁକ୍ତ ମନୋଜ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ରିଆମାଳ ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି।

# ସୁଧୁରୁନାହାନ୍ତି ଅମାନିଆ: ରକ୍ଷା କରୁନାହାନ୍ତି ସାମାଜିକ ଦୂରତା

**କୁତ୍ରା, ୪।୬(ଡି.ଏନ.ଏ)**



ବିରିଙ୍ଗାଟୋଲି ଷ୍ଟେଟବ୍ୟାଙ୍କ ସମ୍ମୁଖରେ ପ୍ରବଳ ଭିଡ।

କରୋନାର ଦ୍ୱିତୀୟ ଲହର ସହରଠୁ ଆରମ୍ଭ କରି ଗାଁ ପର୍ଯ୍ୟନ୍ତ ବ୍ୟାପି ଚାଲିଛି। ସହର ଅପେକ୍ଷା ଗ୍ରାମାଞ୍ଚଳରେ ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ସାଙ୍ଗକୁ ମୃତ୍ୟୁ ସଂଖ୍ୟା ମଧ୍ୟ ସମାନ ଭାବେ ବଢିଚାଲିଛି। ତଥାପି ଗ୍ରାମାଞ୍ଚଳରେ ଅମାନିଆ ସୁଧୁରୁ ନାହାଁନ୍ତି। ସରକାର କରୋନା ଶୃଙ୍ଖଳକୁ ଭାଙ୍ଗିବା ପାଇଁ ଲକ୍‌ଡାଉନ, ଶଟ୍‌ଡାଉନ ଘୋଷଣା କରିବା ସହିତ ଲୋକଙ୍କୁ ସଚେତନତା କରିବା ପାଇଁ ବିଭିନ୍ନ ପଦକ୍ଷେପମାନ ନେଉଛନ୍ତି। ବର୍ତ୍ତମାନ ସ୍ୱାସ୍ଥ୍ୟକର୍ମୀ, ଆଶା ଓ ଅଙ୍ଗନୱାଡ଼ି କର୍ମଚାରୀମାନେ ଘରକୁ ଘର ବୁଲି କରୋନା ବିଷୟରେ ସଚେତନ କରିବା ସହିତ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି। ଗ୍ରାମାଞ୍ଚଳରେ ପ୍ରତ୍ୟେକ ଗାଁକୁ ଗାଁ ସଚେତନତା ରଥ ବୁଲିବୁଲି ଲୋକଙ୍କୁ ସଚେତନ କରୁଛି। ତଥାପି ଲୋକେ ସୁଧୁରୁ ନାହାଁନ୍ତି। ଯେତେ ମାଠିବୁ ମାଠ ନୀତିରେ ଗ୍ରାମାଞ୍ଚଳରେ ଲୋକେ ରହୁଛନ୍ତି। ଶୁକ୍ରବାର କୁତ୍ରା ବ୍ଲକ ଅନ୍ତର୍ଗତ ବିରିଙ୍ଗାଟୋଲି ଷ୍ଟେଟବ୍ୟାଙ୍କ ସମ୍ମୁଖରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଲୋକଙ୍କ ମଧ୍ୟରେ ସାମାଜିକ ଦୂରତାର ନାଗନ୍ଧ ନ ଥିଲା। ଧୀରେଧୀରେ ସଂକ୍ରମିତଙ୍କ ସଂଖ୍ୟା କମିବାରେ ଲାଗୁଥିବା ବେଳେ ଏମିତି ଭିଡ଼ ଦେଖି ପୁଣି ସଂକ୍ରମଣ ବଢିବାର ଆଶଙ୍କା କରାଯାଉଛି। ଅନ୍ୟ ପକ୍ଷରେ ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ବିହାବନ୍ଦଠାରେ ଥିବା କିଷାନ ପେଟ୍ରୋଲ ପମ୍ପରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। କେଉଁଠି ପେଟ୍ରୋଲ ଭରିବା ପାଇଁ ଭିଡ଼, କେଉଠି ବିଦ୍ୟୁତ୍ ବିଲ୍ ଦେବା ନାଁରେ ଭିଡ଼, କେଉଁଠି ପଇସା ନେଣଦେଣ ନାଁରେ ଭିଡ଼ ଦେଖିବାକୁ ମିଳୁଛି। ସରକାର ସଂକ୍ରମଣ ରୋକିବା ପାଇଁ ଏତେ ସବୁ ପଦକ୍ଷେପ ନେଉଥିବା ବେଳେ ଏମିତି ଦୃଶ୍ୟ ଦେଖି ତାହା ଫଳ ପ୍ରଦ ହେଉ ନ ଥିବା ମନେ ହେଉଛି। ଏଣୁ ପ୍ରଶାସନ ପକ୍ଷରୁ ଏହାକୁ ଦୃଷ୍ଟି ଦେଇ ଆହୁରି କଠୋର ପଦକ୍ଷେପ ନେବା ପାଇଁ ସଚେତନ ନାଗରିକ ମତଦେଇଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୫ ଜୁନ୍, ୨୦୨୧

## ମଦଭାଟିକୁ କାରଣ ଦର୍ଶାଅ ନୋଟିସ

ବୌଦ୍ଧ,(ସ୍ୱ.ପ୍ର): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଆଡେଣୀଗଡ ପଞ୍ଚାୟତ ରାଣୀଗଞ୍ଜଠାରେ ଏକ ଦେଶୀ ମଦଭାଟିକୁ ସିଲ୍ କରିବା ପାଇଁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ଏହି ମଦଭାଟି ବେଆଇନ୍ ଭାବେ ଚାଲିଥିବା ଦର୍ଶାଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ଏହି ନୋଟିସ ଜାରି କରିଥିବା ଜଣାଯାଇଛି। ଆସନ୍ତା ୧୫ଦିନ ମଧ୍ୟରେ ପକ୍ଷ ନ ରଖିଲେ ଭାଟିକୁ ସମ୍ପୂର୍ଣ୍ଣ ସିଲ୍ କରାଯିବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ଉକ୍ତ ମଦଭାଟି ଚଳାଇବା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁମୋଦନ ନ ଥିବା ଯାଞ୍ଚ ବେଳେ ଜଣାପଡିଥିଲା। ଏ ନେଇ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟରୁ ଉକ୍ତ ମଦଭାଟିକୁ ନୋଟିସ ଜାରି କରିଥିଲେ ମଧ ଭାଟି ମାଲିକ ଏହାର କୌଣସି ଜବାବ ଦାଖଲ କରି ନାହାନ୍ତି ।



## ସଂକ୍ଷେପରେ

### କରୋନା ସଚେତନତା ଅଭିଯାନ

ବାଉଁଶୁଣୀ,୩।୬(ଡି.ଏନ.ଏ): ବୌଦ୍ଧ ଜିଲା ମନୁପାଲି ଗ୍ରାମପଞ୍ଚାୟତ ଅଧୀନ ସମସ୍ତ ଗାଁ କଲ୍ୟାଣ ସମିତି ଓ ଚନ୍ଦ୍ରମା ସଂସ୍ଥାର ମିଳିତ ଆନୁକୂଲ୍ୟରେ ଗୁରୁବାର କରୋନା ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଛି। ଏହାକୁ ଚନ୍ଦ୍ରମାର ଉପସଭାପତି କରୁଣାକର ଘଣ୍ଟୁଆଳ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ବୌଦ୍ଧ ବିଡିଓ ଦେବୀପ୍ରସାଦ ଦାଶ, ପିଇଓ ଚିତ୍ତରଞ୍ଜନ ବଘାର, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଏବଂ ଚନ୍ଦ୍ରମାର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଠାରେ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ଜନସାଧାରଣଙ୍କୁ କରୋନା ଗାଇଡଲାଇନ ଉପରେ ସଚେତନ କରାଯାଇଥିଲା। ଆଶା ଓ ଅଙ୍ଗନୱାଡି କର୍ମୀମାନେ ଲୋକଙ୍କ ତାପମାତ୍ରା, ପଲ୍‌ସ ରେଟ, ଅକ୍ସିଜେନ ସାଚୁରେଶନ ଯାଞ୍ଚ କରି ସେମାନଙ୍କୁ ହାଇଜିନ କିଟ୍ ପ୍ରଦାନ କରିଥିଲେ। ଏହି ଅଭିଯାନ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଶେଷରେ ଚନ୍ଦ୍ରମାର ସମ୍ପାଦକ ରମେଶ କୁମାର ଜେନା କହିଥିଲେ ।

### ପୋଲିସ ଚଢ଼ାଉ: ୩ ଦୋକାନ ସିଲ୍

ଭବାନୀପାଟଣା, ୪।୬ (ଡି.ଏନ.ଏ.): ଭବାନୀପାଟଣା ଟାଉନ ଥାନା ପକ୍ଷରୁ ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ ନେଇ ସହରର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ଟାଉନ ଥାନା ଆଇଆଇସି ସତ୍ୟ କୁମାର ନନ୍ଦଙ୍କ ନେତୃତ୍ୱରେ ଭବାନୀପାଟଣା ନକ୍ଟିଗୁଡାର ଏକ କିରାନା ଦୋକାନରେ ଚଢାଉ କରି ୨୦୦୦ ଟଙ୍କା ଜରିମାନା ଆଦାୟ କରିବା ସହିତ ଦୋକାନ ସିଲ୍ କରିଥିଲେ। ସେହିଭଳି ଷ୍ଟେଚ୍ୟୁ ଛକଠାରେ ଏକ ବିୟୁଟି ପାର୍ଲର ଓ ବ୍ୟାକେରିକୁ ସିଲ୍ କରିଥିଲେ। ଏହି ଚଢାଉ ପରେ ଦୋକାନୀମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

### ଦୋକାନୀଙ୍କୁ କୋଭିଡ୍ ସଚେତନତା

ଖଡିଆଲ, ୪।୬ (ଡି.ଏନ.ଏ.): ନୂଆପଡା ଜିଲା ଖଡିଆଲ ବ୍ଲକ ଅନ୍ତର୍ଗତ ସାନମହେଶ୍ୱର ଗ୍ରାମରେ ଥିବା ଦୋକାନୀମାନଙ୍କୁ କୋଭିଡ୍ ନିୟମ ପାଳନ ନେଇ ଖଡିଆଲ ବିଡିଓ ନାରାୟଣ ସାହୁ ସଚେତନ କରାଇଥିଲେ। ସମସ୍ତ ଲୋକମାନଙ୍କୁ ମାସ୍କ ବ୍ୟବହାର, ସାମାଜିକ ଦୂରତ୍ୱ ବଜାୟ ରଖିବା ସହ ସେନିଟାଇଜର ବ୍ୟବହାର ପାଇଁ ଆହ୍ୱାନ କରିଛନ୍ତି। ଏହାର ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ତାଗିଦ କରିଛନ୍ତି। ଏଥିରେ ସ୍ଥାନୀୟ ସରପଞ୍ଚ ବିଦୁର ଶବର, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

### ଏଆଇଟିଟି ପରୀକ୍ଷାରେ ପୂଜା, ସାଇଚରଣ ପ୍ରଥମ

ଭବାନୀପାଟଣା, ୪।୬ (ଡି.ଏନ.ଏ.): କଳାହାଣ୍ଡି ଜିଲା ଭବାନୀପାଟଣା ସହରର ସରକାରୀ ଆଇଟିଆଇ ଜାତୀୟସ୍ତରର ଏଆଇଟିଟି ପରୀକ୍ଷାରେ ପୂଜା, ସାଇଚରଣ ପ୍ରଥମ ହୋଇଛନ୍ତି। ପୂଜା ମାହାର ସର୍ବଭାରତୀୟ ମହିଳା ବର୍ଗରେ ପ୍ରଥମ ଓ ସାଇଚରଣ ଦାସ ସର୍ବଭାରତୀୟ ପୁରୁଷ ବର୍ଗରେ ପ୍ରଥମ ହୋଇ କଳାହାଣ୍ଡି ଜିଲା ପାଇଁ ସଫଳତା ଆଣିଛନ୍ତି। ଏହି ଦୁଇଜଣଙ୍କ ସଫଳତା ନେଇ ଆଇଟିଆଇ ଶିକ୍ଷକ ଓ ଅଭିଭାବକ ମହଲରେ ଖୁସିର ଲହରି ଖେଳିଯାଇଛି। କଳାହାଣ୍ଡି ଜିଲା ମ. ରାମପୁରର ସ୍ୱର୍ଗତ ପୀତାମ୍ବର ମହାରଙ୍କ ଝିଅ ପୂଜା ଭବାନୀପାଟଣା ଆଇଟିଆଇରେ ଏମ୍‌ଏମ୍‌ଭି ଟ୍ରେଡ୍‌ରେ ୨୦୧୮ରୁ ୨୦୨୦ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିଲେ। ଗୋଲାମୁଣ୍ଡା ବ୍ଲକ ମକରାଗୁଡା ଗ୍ରାମର ନରୋତ୍ତମ ଦାସଙ୍କ ପୁଅ ସାଇଚରଣ ଏମ୍‌ଏମ୍‌ଭି ଟ୍ରେଡରେ ୨୦୧୮ ରୁ ୨୦୨୦ ପର୍ଯ୍ୟନ୍ତ ଭବାନୀପାଟଣା ଆଇଟିଆଇରେ ପଢୁଥିଲେ। ବିପିଏଲ୍ ପରିବାରର ହୋଇଥିବା ଯୋଗୁ ଅତି ଦୟନୀୟ ଭାବରେ ପାଠ ପଢୁଥିଲେ। ଅର୍ଥ ଅଭାବ ଯୋଗୁ ଭବାନୀପାଟଣା ବୁଲେଟ୍ ଶୋରୁମରେ କାମ କରି ପାଠ ପଢୁଥିଲେ।

### ଖଡିଆଲ କ୍ଷୁଦ୍ର ଜଳସେଚନ ବିଭାଗ ମୁଖ୍ୟ କିରାଣିଙ୍କ ମୃତ୍ୟୁ

ଖଡିଆଲ, ୪।୬ (ଡି.ଏନ.ଏ.): ନୂଆପଡା ଜିଲା ଖଡିଆଲସ୍ଥିତ କ୍ଷୁଦ୍ର ଜଳ ସେଚନ ବିଭାଗ ମୁଖ୍ୟ କିରାଣି ରବୀନ୍ଦ୍ରନାଥ ବେହେରାଙ୍କ କୋଭିଡ୍‌ରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ସେ କୋଭିଡ୍ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ବ୍ରହ୍ମପୁର ଅଶ୍ୱିନୀ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ଖଡିଆଲ କ୍ଷୁଦ୍ର ଜଳ ସେଚନ ବିଭାଗରେ କାର୍ଯ୍ୟ କରୁଥିବା ବେଳେ ସେ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଥିଲେ। ତାଙ୍କର ମୃତ୍ୟୁ ଖବର ଜଣାପଡିବା ପରେ ବିଭିନ୍ନ ମହଲରୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।


ପ୍ୟାକ୍ସ କାର୍ଯ୍ୟାଳୟରେ ଚାଷୀମାନେ ତାଲା ପକାଇ ଦେଇଛନ୍ତି ।


ଚରଦା ମଣ୍ଡିରେ ବିକ୍ରି ପାଇଁ ଥିବା ଧାନ ପ୍ୟାକେଟ ।

# ଖୋଲା ଆକାଶ ତଳେ ପଡ଼ିଛି ଧାନ

**ବିନିକା ଅଞ୍ଚଳରେ ରବି ଧାନ କିଣାରେ ଅବ୍ୟବସ୍ଥା**

ବିନିକା,୪।୬(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ବିଭିନ୍ନ କାରଣରୁ ରବି ଧାନ ସଂଗ୍ରହ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି । ଫଳରେ ବିଭିନ୍ନ ଧାନକ୍ରୟ କେନ୍ଦ୍ରରେ ଶତାଧିକ ଚାଷୀଙ୍କ ବହୁ ପରିମାଣର ଧାନ ବିକ୍ରି ହୋଇ ନ ପାରି ଖୋଲା ଆକାଶ ତଳେ ପଡି ରହିଛି। ଆଧାର କାର୍ଡରେ ତ୍ରୁଟି, ଟୋକନ ନ ପାଇବା, ଟୋକନ ଲ୍ୟାପ୍ସ, ଗାଡି ସମସ୍ୟା, ଧାନ ସଂଗ୍ରହ ଟାର୍ଗେଟ ହାର ହ୍ରାସ ଏସବୁର ପ୍ରମୁଖ କାରଣ ହୋଇଛି। ପ୍ରାରମ୍ଭରୁ ଧାନ କିଣାରେ ଅବ୍ୟବସ୍ଥା ଲାଗି ରହିଛି । ଏହାର ସମାଧାନ ହେଉ ନ ଥିବାରୁ ଦୈନିକ ଅଞ୍ଚଳର ବିଭିନ୍ନ ଧାନକ୍ରୟ କେନ୍ଦ୍ରରେ ଚାଷୀମାନେ ଆନ୍ଦୋଳନ କରୁଥିବା ଦେଖିବାକୁ ମିଳୁଛି। ଶୁକ୍ରବାର ସକାଳ ୯ଟାରେ ବିନିକା ବ୍ଲକ ଚରଦା ପ୍ୟାକ୍ସର ଚାଷୀମାନେ ଟୋକନ ନ ପାଇବା ଓ ଆବଶ୍ୟକ ସଂଖ୍ୟକ ଗାଡି ମଣ୍ଡିକୁ ନ ଆସିବା ପ୍ରତିବାଦରେ ଉକ୍ତ ପ୍ୟାକ୍ସ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଖବରପାଇ ୪ ଘଣ୍ଟା ପରେ ପ୍ୟାକ୍ସ ସମ୍ପାଦକ ରବି ଥନାପତି ପହଞ୍ଚି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ତାଲା ଖୋଲାଯାଇଥିଲା ।

ଗୋଟିଏ ପଟେ ସପ୍ତାହେ ହେଲା ଏହି ଅଞ୍ଚଳରେ ରାତିରେ ବର୍ଷା ହେଉଛି। ଅନ୍ୟପକ୍ଷରେ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ରାଜ୍ୟକୁ ଖୁବ ଶୀଘ୍ର ମୌସୁମୀ ଛୁଇଁବା ସମ୍ଭାବନା ରହିଛି। ଏଭଳି ପରିସ୍ଥିତିରେ ଧାନ ବିକ୍ରି ହୋଇ ନ ପାରିବା ଚାଷୀଙ୍କ ଚିନ୍ତା ବଢାଇଛି । କାରଣ ବର୍ଷାରେ ଧାନ ଓଦା ହେଲେ ମିଲର୍ସଙ୍କର ଦ୍ୱାରା ମନଇଚ୍ଛା କଟନୀ ଛଟନୀ ଡର ରହିଛି । ପ୍ରକାଶଥାଉ କି, ବିନିକାର ୧୪ଟି ଧାନମଣ୍ଡି ଏବଂ ଶତାଧିକ ଖଳାରେ ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡିରହିଛି । ଟୋକନ ନ ପାଇବା, ଟୋକନ ଲ୍ୟାପ୍ସ ହେବା ଓ ଟାର୍ଗେଟ ଅଭାବରୁ ଏହା ପଡିରହିଛି। ଯଦ୍ୱାରା ସରକାରଙ୍କ ନିର୍ଦ୍ଧାରିତ ଧାନ କିଣା ସମୟ ଅବଧି ଗଡୁଥିବା ବେଳେ ଚାଷୀମାନେ ଧାନ ଚାଷ ପାଇଁ କରିଥିବା ଋଣ କିପରି ଶୁଝିବେ ସେ ନେଇ ଚିନ୍ତିତ ହୋଇ ପଡିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି ।

# ଭଡ଼ାଘରୁ ଯୁବତୀଙ୍କ ମୃତଦେହ ଜବତ ଘଟଣା: ଜେଲ ଗଲେ ପ୍ରେମିକ

ଲୋଇସିଂହା,୪।୬(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ମଣ୍ଟୁ କଲୋନୀର ଏକ ଭଡାଘରୁ ଜଣେ ଯୁବତୀଙ୍କ ମୃତଦେହ ଜବତ ଘଟଣାରେ କିଶୋର ପୋଢ଼ଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବଲାଙ୍ଗୀର ଜେଲ ହାଜତକୁ ପଠାଇ ଦିଆଯାଇଥିବା ଆଇଆଇସି ରମାକାନ୍ତ ଜେନା କହିଛନ୍ତି ।

ପ୍ରକାଶ ଯେ, ସେମେଲମୁଣ୍ଡା ଗ୍ରାମର ମିନାକ୍ଷୀ (୧୯) ନାମକ ଜଣେ ଯୁବତୀଙ୍କ ମୃତଦେହ ସ୍ଥାନୀୟ ପୋଲିସ ଗତ ବୁଧବାର ଉକ୍ତ ଭଡାଘରୁ ଜବତ କରିଥିଲା। ମିନାକ୍ଷୀଙ୍କ ବାପା ନାରାୟଣ ବେହେରା ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ନେଇ ଲୋଇସିଂହା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ କରି ସକମା ଗ୍ରାମର କିଶୋରଙ୍କୁ ଗିରଫ କରିଥିଲା। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମଣ୍ଟୁ କଲୋନୀରେ ମିନାକ୍ଷୀ ଓ କିଶୋର ଗତ କିଛି ମାସ ହେଲା ଭଡାରେ ରହି ଆସୁଥିଲେ । ଗତ ବୁଧବାର ସକାଳେ କିଶୋର ଥାନାକୁ ଯାଇ ମିନାକ୍ଷୀ ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାଇଥିଲେ। ଖବର ପାଇ ପୋଲିସ ଓ ମିନାକ୍ଷୀଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଘଟଣାର ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଯୁବତୀଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ମୃତଦେହ ନିକଟରୁ ଏକ ସୁଇସାଇଡ ନୋଟ ପୋଲିସର ହସ୍ତଗତ ହୋଇଥିଲା। ଡିଏସ୍‌ପି ଅମରତ କୁମାର ପଣ୍ଡା, ଆଇଆଇସି ରମାକାନ୍ତ ସଦଳବଳେ ଯାଇ ଘଟଣାର ତଦନ୍ତ ଚଳାଇଥିଲେ । ପୋଲିସ ପଡୋଶୀଙ୍କୁ ଘଟଣା ସଂକ୍ରାନ୍ତରେ ପଚାରିଥିଲେ ସୁଦ୍ଧା କେହି ଏ ନେଇ ଜାଣି ନ ଥିବା କହିଥିଲେ । ଏହି ଘଟଣାରେ ଦଫା ୩୦୨, ୪୯୮(ଏ), ୩୦୪(ବି)ରେ ଏକ ମାମଲା (ନଂ ୧୪୮।୨୧) ରୁଜୁ ହୋଇଛି। ସୂଚନାଯୋଗ୍ୟ, ମିନାକ୍ଷୀଙ୍କ ସହ କିଶୋରଙ୍କ ପ୍ରେମ ସମ୍ପର୍କ ଥିଲା । ୭ ମାସ ପୂର୍ବରୁ ସେମାନେ ଘରୁ ଫେରାର ହୋଇ ଯାଇଥିଲେ । ସେତେବେଳେ ମିନାକ୍ଷୀଙ୍କ ବାପା ଲୋଇସିଂହା ଥାନାରେ ଏ ନେଇ ଅଭିଯୋଗ କରିଥିଲେ।

# ଟିକାକରଣ ତ୍ୱରାନ୍ୱିତ ପାଇଁ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର


କଂଗ୍ରେସ ନେତୃବୃନ୍ଦ ସୁବର୍ଣ୍ଣପୁର ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ ପାଇଁ ଉପସ୍ଥିତ ଅଛନ୍ତି ।

ସୋନପୁର,୪।୬(ନି.ପ୍ର.)

କରୋନା କାଳରେ ଲୋକଙ୍କ ଆର୍ଥିକ ସ୍ଥିତି ଦୋହଲି ଯାଇଛି। ତେଣୁ କେନ୍ଦ୍ର ସରକାର ଟିକା କିଣି ମାଗଣାରେ ସମସ୍ତ ନାଗରିକଙ୍କୁ ପ୍ରଦାନ କରନ୍ତୁ ବୋଲି ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ଏ ସମ୍ପର୍କରେ ଦଳ ପକ୍ଷରୁ ଜିଲାପାଳଙ୍କ ଜରିଆରେ ଶୁକ୍ରବାର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦଳ ପକ୍ଷରୁ ସରକାରଙ୍କ ଟିକାକରଣ ନୀତି ଉପରେ ପ୍ରଶ୍ନ ଉଠାଯିବା ସହିତ ଦେଶର ୧୪୦ କୋଟି ଲୋକଙ୍କୁ ଶୀଘ୍ର ଟିକା ପ୍ରଦାନ ପାଇଁ ଦାବି ହୋଇଛି। କୋଭିଡ୍-୧୯ ମହାମାରୀକୁ ରୋକିବା ଲାଗି ଟିକା ହେଉଛି ଏକମାତ୍ର ବିକଳ୍ପ । ତେଣୁ କେନ୍ଦ୍ର ସରକାର ତଦନୁଯାୟୀ କାର୍ଯ୍ୟ କରିବା ଉଚିତ ବୋଲି କଂଗ୍ରେସ କହିଛି। ଜିଲା କଂଗ୍ରେସ କମିଟି ସଭାପତି ଗୌରୀଶ୍ୟାମ ପଣ୍ଡାଙ୍କ ନେତୃତ୍ୱରେ ରବୀନ୍ଦ୍ର ହୋତା, ମାଧବ କୁମ୍ଭାର, ନରଦେବ ଭୋଇ, ଜିଲା ଆଇନ ସେଲ ସଭାପତି ସୁଧୀର କୁମାର ପଣ୍ଡା, ବରୁଣ ସୁନା, ଟାଉନ ସଭାପତି ରଞ୍ଜିତ ରାୟ, ଶେଷଦେବ ମେହେର ଓ ବାଳକୃଷ୍ଣ ଡନସେନା ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

# କାଠ ଗଣ୍ଡି ବୋଝେଇ ଟ୍ରାକ୍ଟର ଜବତ, ୨ ଗିରଫ

ଲୋଇସିଂହା,୪।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକରୁ କାଠ ଚୋରା ଚାଲାଣ ଦିନକୁ ଦିନ ବୃଦ୍ଧି ପାଉଛି। ଏପରି ସ୍ଥିତିରେ ବଡଟିକା ପଞ୍ଚାୟତ ଅନ୍ତର୍ଗତ ଛାଏଛାପରେ ଶୁକ୍ରବାର ବନ ବିଭାଗ ଚଢାଉ କରି ୨୫ଟି ଖଇର କାଠ ଗଣ୍ଡି ବୋଝେଇ ଏକ ସ୍ୱରାଜ ଟ୍ରାକ୍ଟରକୁ ଜବତ କରିଛି । ଏହି ଘଟଣାରେ ସଂପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ବ୍ୟକ୍ତି ଦ୍ୱୟ ହେଲେ କରକଟିଆ ଗ୍ରାମର ଗୋପାଳ ବାରିକ (୨୦) ଓ ନରେଶ ଗଡତ୍ୟା (୩୦) । ବଲାଙ୍ଗୀର ଡିଏଫଓ ସମୀର ରଞ୍ଜନ ଶତପଥୀଙ୍କୁ ଛାଏଛାପରରୁ କାଠ ଚୋରା ଚାଲାଣ ସମ୍ପର୍କରେ ସୂଚନା ମିଳିଥିଲା । ଏହାପରେ ଡିଏଫଓ ଶତପଥୀ ଓ ମୋବାଇଲ ସ୍କ୍ୱାଡ୍ ଉକ୍ତ ସ୍ଥାନରେ ଚଢାଉ କରିଥିଲେ। ଟ୍ରାକ୍ଟରରେ କାଠ ବୋଝେଇ ହୋଇ ଅନ୍ୟତ୍ର ଚାଲାଣ ଉଦ୍ୟମ ବେଳେ ସଂପୃକ୍ତ ବ୍ୟକ୍ତ ଦ୍ୱୟ ବନ ବିଭାଗ କର୍ମଚାରୀଙ୍କ ହାତରେ ଧରା ପଡିଥିଲେ ।

# କୋଭିଡ୍ ସ୍ଥିତି ସମୀକ୍ଷା କଲେ ଜିଲାପାଳ


ବିଜେପୁରରେ ବରଗଡ଼ ଜିଲାପାଳ କୋଭିଡ୍ ସ୍ଥିତି ସମୀକ୍ଷା କରୁଛନ୍ତି।

ବରଗଡ଼ ଅଫିସ୍,୪।୬

ବରଗଡ଼ ଜିଲାରେ କରୋନା ସଂକ୍ରମଣ ସୁଧୁରିବାରେ ଲାଗିଛି। ଗତ ଦୁଇଦିନ ହେଲା ଜିଲାରେ ଦୈନିକ ସଂକ୍ରମଣ ୨ଶହ ତଳକୁ ଖସିଛି। ତେବେ ଜିଲାରେ କରୋନା ସଂକ୍ରମଣ ନିୟନ୍ତ୍ରଣକୁ ଆସି ନ ଥିବା ଯୋଗୁ ଏହା ବର୍ତ୍ତମାନ ମଧ୍ୟ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ହୋଇ ପଡ଼ିଛି। ପ୍ରଶାସନ ପକ୍ଷରୁ ଉଭୟ ଗ୍ରାମାଞ୍ଚଳ, ସହରାଞ୍ଚଳର ସଂକ୍ରମଣ ହାର ରୋକିବାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ନିୟମିତ ଜିଲାର ବିଭିନ୍ନ ଅଞ୍ଚଳ ଗସ୍ତ କରିବା ସହିତ ସେଠାରେ ଚାଲିଥିବା କରୋନା ମୁକାବିଲା ସମୀକ୍ଷା କରୁଛନ୍ତି। ଶୁକ୍ରବାର ଜିଲାପାଳ ପ୍ରଧାନ ବିଜେପୁର ଯାଇଥିଲେ । କୋଭିଡ୍ ଆକ୍ରାନ୍ତଙ୍କୁ ଆବଶ୍ୟକ ସେବା ଯୋଗାଇ ଦେବା, କୋଭଡ୍ ଗାଇଡ୍ ଲାଇନ ଉପରେ ଲୋକଙ୍କୁ ସଚେତନ କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି କୋଭିଡ୍ ଟିକାକରଣକୁ ମଧ୍ୟ ସମୀକ୍ଷା ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ବିଜେପୁରର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମାଝିପାଲି କଣ୍ଟେନମେଣ୍ଟ ଜୋନ୍


କଣ୍ଟେନମେଣ୍ଟ ଜୋନରେ ବିଭାଗୀୟ ଅଧିକାରୀବୃନ୍ଦ।

ବରଗଡ଼ ଅଫିସ୍/ବିଜେପୁର,୪।୬

ବରଗଡ଼ ଜିଲା ବିଜେପୁର ଏନ୍‌ଏସି ଅଧୀନ ମାଝିପାଲି ଗ୍ରାମକୁ ଶୁକ୍ରବାର କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଉକ୍ତ ଗ୍ରାମରେ ୧୭ କୋଭିଡ୍ ଆକ୍ରାନ୍ତ ସକ୍ରିୟ ଥିବା ଜଣାପଡ଼ିବା ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ବିଜେପୁର ଏନଏସି କାର୍ଯ୍ୟାଳୟରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ଏହା ଉଲ୍ଲେଖ କରାଯାଇଛି। କଟକଣା ଅନୁଯାୟୀ ସମସ୍ତ ଗାଡ଼ି ଚଳାଚଳ, ଲୋକଙ୍କ ଯାତାୟାତ, ଦୋକାନ, ବଜାରକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଲୋକଙ୍କୁ ଘରେ ସୁରକ୍ଷିତ ରହିବାକୁ ପରାମର୍ଶ ଦିଆଯାଇଛି। ଅତ୍ୟାବଶ୍ୟକୀୟ ସାମଗ୍ରୀ ତଥା ସ୍ୱାସ୍ଥ୍ୟସେବା ପାଇଁ ଉଦ୍ଦିଷ୍ଟ ସେବାକୁ ଏଥିରୁ ବାଦ୍ ଦିଆଯାଇଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ କଟକଣା ଜାରି ରହିବ ବୋଲି ବିଜେପୁର ପୌର ନିର୍ବାହୀ ଅଧିକାରୀ ରାଜେଶ କୁମାର ଏକ୍କା ସୂଚନା ଦେଇଛନ୍ତି।

# ଦୁର୍ଘଟଣାରେ ଅଚିହ୍ନା ଯୁବକଙ୍କ ମୃତ୍ୟୁ

ଦେଓଗାଁ,୪।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ସାଗରପାଲି କଲୋନୀ ନିକଟ ୨୬ ନଂ ଜାତୀୟ ରାଜପଥରେ ଦୁର୍ଘଟଣାରେ ଆହତ ହୋଇ ବଲାଙ୍ଗୀର ଭୀମଭୋଇ ମେଡିକାଲରେ ଚିକିତ୍ସାଧୀନ ଥିବା ଜଣେ ଅଚିହ୍ନା ଯୁବକଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ଏ ନେଇ ସ୍ଥାନୀୟ ଥାନାରେ ନଂ ୧୦୭/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ପ୍ରକାଶ ଯେ, ଗୁରୁବାର ସନ୍ଧ୍ୟାରେ ସମ୍ପୃକ୍ତ ଯୁବକ ଜଣକ ଚାଲି ଚାଲି ଯାଉଥିବା ବେଳେ ସାଗରପାଲି କଲୋନୀ ନିକଟରେ ଏକ ଗାଡି ଧକ୍କା ଦେଇ ଫେରାର ହୋଇ ଯାଇଥିଲା । ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ।

# ଯୁବପିଢ଼ିଙ୍କ ପାଇଁ ଟିକା ଦାବି କଲା ଯୁବ ଆକ୍ସନ କମିଟି

ବଲାଙ୍ଗୀର ଅଫିସ, ୩।୬

ବଲାଙ୍ଗୀର ଜିଲାର ୧୮ବର୍ଷରୁ ଊର୍ଦ୍ଧ୍ୱ ଯୁବତୀ, ଯୁବକଙ୍କୁ ଶୀଘ୍ର କୋଭିଡ ଟିକାଦାନ କରିବା ପାଇଁ ବଲାଙ୍ଗୀର ୟୁଥ୍ ଆକ୍ସନ କମିଟି ପକ୍ଷରୁ ଦାବି କରାଯାଇଛି। ଏନେଇ କମିଟି ପକ୍ଷରୁ ଗୁରୁବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । କରୋନା ଦ୍ୱିତୀୟ ଲହରକୁ ନେଇ ସମସ୍ତେ ଭୟ, ଆତଙ୍କ ଓ ଚିନ୍ତାରେ ପଡିଛନ୍ତି । ଏହି ପରିପ୍ରେକ୍ଷୀରେ ସରକାର ୧୮ ବର୍ଷର ଯୁବତୀ, ଯୁବକଙ୍କୁ ଟିକାଦାନ କରିବାରେ ଢ଼େର ବିଳମ୍ବ କରିଲେଣି । ରାଜ୍ୟର ଅନ୍ୟ କେତେକ ଜିଲାରେ ୧୮ବର୍ଷରୁ ଊର୍ଦ୍ଧ୍ୱ ଯୁବତୀ ଯୁବକଙ୍କୁ ଟିକାଦାନ ଆରମ୍ଭ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବଲାଙ୍ଗୀର ଜିଲାରେ ଯୁବକମାନଙ୍କୁ ଟିକାଦାନ ଆରମ୍ଭ କରାଯାଇନାହିଁ। ଯଥାଶୀଘ୍ର ଟିକାକରଣ ଆରମ୍ଭ ନ କଲେ କମିଟି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବ ବୋଲି କୁହାଯାଇଛି। ସଭାପତି ବିନୋଦ କାଲସାଏ, ସଂଯୋଜକ ରିଲୁ ରଥ, ଟୁନୁ ସେନ, ପ୍ରଶାନ୍ତ ମହାକୁର, ଆଦି ବର୍ଗର୍ତି ଅତିରିକ୍ତ ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି ।


ଆକ୍ସନ କମିଟି ସଦସ୍ୟମାନେ ଦାବିପତ୍ର ଦେବାକୁ ଜିଲାପାଳ କାର୍ଯ୍ୟାଳୟ ଯାଇଛନ୍ତି ।

# ଗଡ଼ଭିତର ଗାଁ କଣ୍ଟେନମେଣ୍ଟ ଜୋନ୍


ଗଡଭିତର ଗାଁକୁ ବାଉଁଶ ବାଡ ଦେଇ ସିଲ୍ କରାଯାଇଛି।

ବାଉଁଶୁଣୀ,୪।୬ (ଡି.ଏନ.ଏ)

ବୌଦ୍ଧ ବ୍ଲକ ବାଉଁଶୁଣୀ ପଞ୍ଚାୟତ ଗଡଭିତର ଗ୍ରାମରେ ଶୁକ୍ରବାର ୨୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାପରେ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ବାଉଁଶୁଣୀ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରାଣବନ୍ଧୁ ପ୍ରଧାନ ଉକ୍ତ ଗ୍ରାମକୁ ଶୁକ୍ରବାର ସକାଳ ୬ଟାରୁ ୧୦ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ବାଉଁଶ ବାଡ ଦେଇ ଗାଁର ପ୍ରବେଶ ପଥକୁ ସିଲ୍ କରାଯାଇଛି। ଏହି ସମୟରେ ସ୍ୱାସ୍ଥ୍ୟ ଭଳି ଜରୁରୀ ସେବା ପାଇଁ କେବଳ ଗାଁ ଲୋକେ ବାହାରକୁ ଯାଇପାରିବେ। ଏହାବ୍ୟତୀତ ଗାଁ ଲୋକ ବାହାରକୁ ଯିବା କିମ୍ବା ବାହାର ଲୋକ ଗାଁକୁ ପ୍ରବେଶ କରିବାକୁ ବାରଣ କରାଯାଇଛି। ଯିଏ ଏହାକୁ ଅବମାନନା କରିବେ ତାଙ୍କ ବିରୋଧରେ କୋଭିଡ-୧୯ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି ।

# କେନ୍ଦ୍ରର ଟିକାକରଣ ବ୍ୟବସ୍ଥାକୁ ବିରୋଧ

**ଜିଲାପାଳଙ୍କୁ କଂଗ୍ରେସର ଦାବିପତ୍ର ପ୍ରଦାନ**

ନୂଆପଡ଼ା ଅଫିସ,୪।୬

କେନ୍ଦ୍ର ସରକାରଙ୍କ ଟିକାକରଣ ବ୍ୟବସ୍ଥାକୁ କଂଗ୍ରେସ ବିରୋଧ କରୁଛି। ପ୍ରତ୍ୟେକ ଭାରତୀୟଙ୍କୁ ଦେୟମୁକ୍ତ ଟିକାକରଣ ସହ ଦୈନିକ ଏକ କୋଟି ଟିକାକରଣ ସୁନିଶ୍ଚିତ କରିବା ଲାଗି ଶୁକ୍ରବାର ନୂଆପଡା ଜିଲାପାଳ ସ୍ୱାଧାଦେବ ସିଂଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସମଗ୍ର ଦେଶରେ ଟିକାକରଣ ଫେଲ ମାରିଛି । ଲୋକଙ୍କୁ ମାଗଣା ଟିକା ଦେବା ପରିବର୍ତ୍ତେ ଟିକାକୁ ନେଇ ବ୍ୟବସାୟୀ କରଣ କରିବା ଅତ୍ୟନ୍ତ ଦୁଃଖର ବିଷୟ। ଅନ୍ୟ ଦେଶଗୁଡିକରେ ୨୦୨୦ ମେ ମାସରୁ ଟିକା କିଣିବା ବ୍ୟବସ୍ଥା କରିଥିବା ବେଳେ କେନ୍ଦ୍ର ସରକାର ୨୦୨୧ ଜାନୁୟାରୀରେ ଟିକା କିଣିବା ପାଇଁ ପ୍ରଥମ ପ୍ରୟାସ କରିବା ଅତ୍ୟନ୍ତ ଲଜ୍ଜାଜନକ ଓ ଖାମଖିଆଲି ମନୋଭାବ ବୋଲି କଂଗ୍ରେସ କହିଛି। ବର୍ତ୍ତମାନ ଦେଶରେ ୯ ଲକ୍ଷ ଟିକାକରଣ ହେଉଛି। ୧୪୦ କୋଟି ଲୋକଙ୍କୁ ଟିକାକରଣ ସମ୍ପୂର୍ଣ୍ଣ ହେବା ପାଇଁ ଦୀର୍ଘ ୩ ବର୍ଷ ସମୟ ଲାଗିବ। ଦୈନିକ ଏକ କୋଟି ଟିକା କରଣ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ କଂଗ୍ରେସ ଦାବି କରିଛି। ଜିଲା କଂଗ୍ରେସ କମିଟି ସଭାପତି ଘାସିରାମ ମାଝିଙ୍କ ନେତୃତ୍ୱ ଏବଂ ଖଡିଆଲ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ଉପସ୍ଥିତିରେ ବରିଷ୍ଠ କଂଗ୍ରେସ ନେତା ଦେବଦତ୍ତ ଦିକ୍ଷିତ, ହାଲ ସିଂ, ଶାହରୁଖ ଖାନ୍, ଚନ୍ଦ୍ରଶେଖର ତାଣ୍ଡି, ଅମିତାଭ ପଟେଲ, କୈଳାଶ ବାଗ, ଜୁନେଦ ମହମ୍ମଦ, ଜୟଦେବ ମାଝି, ସାନ ଜଗତ, ଶିବ ନିଆଲ ଓ ହରି ମାଝି ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।


ଦାବିପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା କଂଗ୍ରେସ ନେତୃମଣ୍ଡଳୀ।

